# ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ

ଦୂରଭାଷ: ୦୬୭୫୨ ୨୨୨୧୨୨ ଇ-ମେଲ :purim.hud@nic.in

ସଂଖ୍ୟା: 8614 /ତାରିଖ: 15.10.24

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀ ପୌରସଂସ୍ଥା ତରଫରୁ କାର୍ତ୍ତିକ ବ୍ରତ ୨୦୨୪ ଉପଲକ୍ଷେ ଜନଗହଳିକୁ ଦୃଷ୍ଟିରେ ରଖି ନିମ୍ନୋକ୍ତ ସ୍ଥାନମାନଙ୍କରେ ଏକ ମାସ ନିମନ୍ତେ ଅସ୍ଥାୟୀ ଜୋତା ଷ୍ଟାଣ୍ଡ ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ଦରଖାସ୍ତ ଗୁଡିକ ତା୧୭.୧୦.୨୪ରିଖ ପୂର୍ବାହ୍ନ ୧୦ଘଟିକାଠାରୁ ୧୯.୧୦.୨୦୨୪ରିଖ ଦିବା ୧୨ଘଟିକା ମଧ୍ୟରେ ପୁରୀ ପୌର କାର୍ଯ୍ୟାଳୟରେ ଦାଖଲ କରିବେ । ଦାଖଲ କରାଯାଇଥିବା ଦରଖାସ୍ତ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୧୯.୧୦.୨୦୨୪ରିଖ ପୂର୍ବାହ୍ନ ୧ଘଟିକା ସମୟରେ ଖୋଲାଯିବ । ପ୍ରତ୍ୟେକ ଷ୍ଟାଣ୍ଡ ନିମନ୍ତେ ସର୍ବନିମ୍ନ ସ୍ଥିରୀକୃତ ମୂଲ୍ୟ **ଟ. ୫୦,୦୦୦/- ଙ୍କା (ପଚାଶ ହଜାର ଟଙ୍କା) ମାତ୍ର** ଧାର୍ଯ୍ୟ କରାଯାଇଛି । ଯେଉଁ ବ୍ୟକ୍ତି ଏହି ସ୍ଥିରୀକୃତ ଠାରୁ ଅଧିକ ଦର ଉଲ୍ଲେଖ କରିଥିବେ ତାଙ୍କୁ ଜୋତା ଷ୍ଟାଣ୍ଡ କରିବା ନିମନ୍ତେ ପୁରୀ ପୌରସଂସ୍ଥା ତରଫରୁ ଅନୁମତି ପ୍ରଦାନ କରାଯିବ ।

୧. ମାର୍କେଟ ଛକ – ୧୫ଫୁଟ ରେ ୧୦ଫୁଟ (୧ଟି) ୨. ମରିଚିକୋଟ ଛକ – ୧୫ଫୁଟ ରେ ୧୦ଫୁଟ (୧ଟି), ୩. ସୂର୍ଯ୍ୟ କମ୍ପ୍ଲେକ୍ସ ଛକ (୧)

**ଆବଶ୍ୟକୀୟ କାଗଜାତ-**

୧. ଆଧାର କାର୍ଡର ଏକକିତା ନକଲ ୨. ଭୋଟ ପରିଚୟ ପତ୍ରର ଏକକିତା ନକଲ ୩. ଫଟୋ (୧ଟି) ଓ ପ୍ରତ୍ୟେକ ଷ୍ଟାଣ୍ଡ ପାଇଁ ଟ. ୫୦୦୦/-ର ଅମାନତ ଜମା ରାଶି ଯେ କୌଣସି ଜାତୀୟ କରଣ ବ୍ୟାଙ୍କରୁ କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଦ୍ୱାରା ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ ।

**ଜୋତା ଷ୍ଟାଣ୍ଡ ପାଇଁ ଉଲ୍ଲେଖ ସର୍ତ୍ତ:-**

୧. ସମ୍ପୂର୍ଣ୍ଣ ଲାଇସେନ୍ସ ଫି ପୈଠ କଲାପରେ ଜୋତା ଷ୍ଟାଣ୍ଡ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯିବ ଏଥିରେ ବ୍ୟତିକ୍ରମ ହେଲେ ଦିତୀୟ ବ୍ୟକ୍ତିଙ୍କୁ ପ୍ରଥମ ସର୍ବୋଚ୍ଚ ଦରରେ ଜୋତା ଷ୍ଟାଣ୍ଡ କରିବା ନିମନ୍ତେ ଆହ୍ୱାନ କରାଯିବ ।

୨. ଜୋତା ଷ୍ଟାଣ୍ଡ ତା ୧୯.୧୦.୨୦୨୪ରିଖ ସନ୍ଧ୍ୟା ୭ଘଟିକାଠାରୁ ୧୮.୧୧.୦୨୦୨୪ରିଖ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ।

୩. ଚପଲ (ହଳ ପ୍ରତି)- ଟ. ୫/-, ବ୍ୟାଗ (୧ଟି) - ଟ. ୨୦/-, ମୋବାଇଲ୍ (୧ଟି)- ଟ. ୨୦/- , ହେଲମେଟ୍ (୧)ଟି – ଟ. ୧୦/- ଫି ଆଦାୟ କରିପାରିବେ । ଏହି ଦର ତାଲିକା ଜୋତା ଷ୍ଟାଣ୍ଡର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଦୃଶ୍ୟମାନ ହେବା ଦରକାର ।

୪. ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଫି ଆଦାୟ କରିବା ପୌରସଂସ୍ଥାଙ୍କ ଦୃଷ୍ଟିଗୋଚର ହେଲେ ସେହି ବ୍ୟକ୍ତିଙ୍କ ଅନୁମତି ପତ୍ର ନାକଚ ହେବା ସହିତ ଉକ୍ତ ଷ୍ଟାଣ୍ଡର ଦଖଲ ନିଜେ ପୁରୀ ପୌରସଂସ୍ଥା ନେବା ସହିତ ଏବଂ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

୫. ଉକ୍ତ ସ୍ଥାନରେ ବିଜୁଳି ଓ ଜଳ ଯୋଗାଣ ଓ ପରିମଳର ବ୍ୟବସ୍ଥା ଏବଂ ଡାକବାଜି ଯନ୍ତ୍ରର ବ୍ୟବସ୍ଥା ନିଜ ଖର୍ଚ୍ଚରେ ନିଲାମଧାରୀ କରିବେ ।

୬. ନିଜର ଆସବାବପତ୍ର ରଖିବା ନିମନ୍ତେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଭଲ ବ୍ୟବହାର ପ୍ରାଦନ କରିବେ ।

୭. କୌଣସି ବ୍ୟକ୍ତିବିଶେଷଙ୍କ ଜିନିଷପତ୍ର ହଜିଯିବାରେ ନିଲାମଧାରୀ ସଂପୃକ୍ତ ଦାଖଲ କରିବେ ଓ ଅତ୍ର କାର୍ଯ୍ୟାଳୟ ଦାୟୀ ରହିବ ନାହିଁ ।

୮. ଷ୍ଟାଣ୍ଡ କରିବା ନିମନ୍ତେ ପୌରସଂସ୍ଥା ତରଫରୁ ସ୍ଥାନ ନିରୂପଣ କରାଯାଇ ବ୍ୟକ୍ତିବିଶେଷଙ୍କୁ ଅନୁମତି ପ୍ରଦାନ କରାଯିବ ।

୯. ପୌର ଅମିନ ଦ୍ୱାରା ସ୍ଥାନର ମାପ ନିର୍ଦ୍ଧାରିତ କରିବା ସ୍ଥାନରେ ଜୋତା ଷ୍ଟାଣ୍ଡ ନିମନ୍ତେ ଅନୁମତି ଦିଆଯିବ ।

୧୫.୧୦.୨୦୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା,ପୁରୀ

ଉପପତ୍ର ସଂଖ୍ୟା. 4615 /ତାରିଖ. 15.10.24

ଏହି ବିଜ୍ଞାପନର ଏକକିତା ନକଲ ଉପ-ଜିଲ୍ଲାପାଳ ,ପୁରୀ, ତହସିଲଦାର,ପୁରୀ,/ ଭାରପ୍ରାପ୍ତ ଅଧିକାରୀ କୁମ୍ଭାରପଡା/ଥାନା , ଭାରପ୍ରାପ୍ତ ଅଧିକାରୀ ଟାଉନ ଥାନା/ ଭାରପ୍ରାପ୍ତ ଅଧିକାରୀ ସିଂହଦ୍ୱାର ଥାନା/ ଭାରପ୍ରାପ୍ତ ଅଧିକାରୀ ଟ୍ରାଫିକ, ପୁରୀଙ୍କ ନିକଟକୁ ବିହିତ ପ୍ରସାର ନିମନ୍ତେ ପଠାଗଲା ଏବଂ ପୌରସଂସ୍ଥାଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଗଲା ।

୧୫.୧୦.୨୦୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା,ପୁରୀ

ଉପପତ୍ର ସଂଖ୍ୟା. 4616 /ତାରିଖ. 15.10.24

ଏହି ବିଜ୍ଞାପନର ଏକକିତା ନକଲ DA, ସାଧାରଣ ଓ ବିବିଧ ଉପବିଭାଗ, ପୁରୀ ପୌରସଂସ୍ଥା, ପୁରୀଙ୍କ ନିକଟକୁ ପ୍ରେରଣ କରାଯିବା ସହିତ ନିର୍ଦ୍ଦେଶ ଦିଆଗଲା ଯେ ସେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ସୂଚନାକୁ ଏକ ଦୈନିକ ଓଡିଆ ଖବର କାଗଜରେ ଛପାଇବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

୧୫.୧୦.୨୦୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା,ପୁରୀ

ଉପପତ୍ର ସଂଖ୍ୟା. 4617 /ତାରିଖ. 15.10.24

ଏହି ବିଜ୍ଞାପନର ଏକକିତା ନକଲ DIO, NIC, ପୁରୀଙ୍କ ନିକଟକୁ ପ୍ରେରଣ କରାଗଲା । ସେ ଏହାକୁ ପୁରୀ ପୌରସଂସ୍ଥାଙ୍କ ୱେବସାଇଟ୍‌ରେ ପ୍ରଦର୍ଶିତ କରିବା ନିମନ୍ତେ ଅନୁରୋଧ କରାଗଲା ।

୧୫.୧୦.୨୦୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା,ପୁରୀ

ଉପପତ୍ର ସଂଖ୍ୟା. 4618 /ତାରିଖ. 15.10.24

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, ପୁରୀ/ ଆରକ୍ଷୀ ଅଧୀକ୍ଷକ ପୁରୀଙ୍କ ନିକଟକୁ ବିହିତ ଅବଗତି ନିମନ୍ତେ ପଠାଗଲା

୧୫.୧୦.୨୦୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା,ପୁରୀ

ଉପପତ୍ର ସଂଖ୍ୟା. 8621 /ତାରିଖ. 15.10.24

ଏହି ବିଜ୍ଞାପନର ଏକକିତା ନକଲ DIO, NIC, ପୁରୀଙ୍କ ନିକଟକୁ ପ୍ରେରଣ କରାଗଲା । ସେ ଏହାକୁ ପୁରୀ ଜିଲ୍ଲା ୱେବସାଇଟ୍‌ରେ ପ୍ରଦର୍ଶିତ କରିବା ନିମନ୍ତେ ଅନୁରୋଧ କରାଗଲା ।

15.10.2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ